# Akashvani, Sambalpur

## SAMBALPURI NEWS EVENING BULLETIN

## 25 July 2024- 7.02 pm- 7.12 pm.

*******************************************

୧- ବିଧାନ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୬୫ ହଜାର୍ କୋଟି ଟଙ୍କାର୍ ବଜେଟ୍ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- ରାଜ୍ୟର୍ ସାମଗ୍ରୀକ୍ ବିକାଶ୍ ଲାଗି ୧୦ ଟା ଦିଗ୍ ଉପ୍‌ରେ ଦିଆଯାଇଛେ ଜୋର୍ ।

- ଚାଷୀମାନ୍‌କର୍ ଲାଗି ମୁଲ୍ ହେଲା ସି.ଏମ୍. କିଷାନ୍ ଯୋଜ୍‌ନା ।   - ସୁଭଦ୍ରା ଯୋଜ୍‌ନା ଲାଗି ୧୦ ହଜାର୍ କୋଟି ଟଙ୍କାର୍ ବ୍ୟୟବରାଦ୍ ।

୨- ରାଏଜେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍‌କେ ୧୦ ଟା ସଂସ୍ଥା ସାଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ କଲା ଓର୍‌ମାସ୍ ।

୩- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏବା ରଏବାର୍ ଦିନ ଛଡ଼ାଯିବା ଇ ବଛ୍‌ରର୍ ପହେଲା ବଢ଼ି ପାଏନ୍ ।

ଆଉର୍

୪- ରାଏଜେ ମୌସୁମୀ ସକ୍ରିୟ ରହିଥିବାର୍‌ନୁ ଲାଗି ରହିଛେ ବର୍ଷା ।

- ଆଏବା କାଏଲ୍ ସମ୍ବଲ୍‌ପୁର୍, ବର୍‌ଗଡ୍ ସହେତେ ୧୦ ଟା ଜିଲ୍ଲା ନ ହେଇପାରେ ଜବର୍ ବର୍ଷା ।

ରାଜ୍ୟ ବଜେଟ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଆଏଜ୍ ତାଙ୍କର୍ ସର୍‌କାର୍‌ର ପହେଲା ବଜେଟ୍ ଉପସ୍ଥାପନ୍ କରିଛନ୍ । ଶ୍ରୀ ମାଝୀ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୬୫ ହଜାର୍ କୋଟି ଟଙ୍କାର ବଜେଟ୍ ରଖିଛନ୍ । ଯେନ୍‌ଟାକି ୨୦୨୩-୨୪ ଆର୍ଥିକ୍ ବଛର୍ ବଜେଟ୍ ନୁ ୧୫ ପ୍ରତିଶତ୍ ଅଏତ୍‌କା ଆଏ । ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଖର୍ଚ୍ଚା ବାବ୍‌ଦେ ୧ ଲାଖ୍ ୫୫ ହଜାର୍ କୋଟି ଟଙ୍କା ରଖାଯାଇଥିବାର୍ ବେଳେ ପୁଞ୍ଜିନିବେଶ୍ ବାବ୍‌ଦେ ୫୮ ହଜାର୍ ଶହେ ୯୫ କୋଟି ଟଙ୍କା ରଖାଯାଇଛେ । ଇ ବଜେଟ୍‌ଥି ରାଜ୍ୟର୍ ସାମଗ୍ରୀକ ବିକାଶ୍ ଲାଗି ୧୦ ଟା ଦିଗ୍‌କେ ଗୁରୁତ୍ୱ ଦିଆଯାଇଛେ । ସେଟାମାନେ ହେଲା ଚାଷୀ, ନାରୀଶକ୍ତି, ସାମାଜିକ ନ୍ୟାୟ, ଉତମ୍ ସ୍ୱାସ୍ଥ୍ୟ ସେବା ଆର୍ ଶିକ୍ଷା ବ୍ୟବସ୍ଥା, ସୁନ୍ଦର୍ ଜୀବନ୍ ଯାପନ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ- ବିକଶିତ ସହର୍- ବିକଶିତ ଓଡ଼ିଶା, ଶିଳ୍ପ-ରୋଜଗାର ଆର୍ କର୍ମନିଯୁକ୍ତି, ଓଡ଼ିଆ ଅସ୍ମିତା ଆର୍ ଜଗନ୍ନାଥ ସଂସ୍କୃତି ଆର୍ ଲୁକ୍‌କର୍ ଲାଗି ସର୍‌କାର୍ ।

କୃଷି କ୍ଷେତ୍ର ଲାଗି ୩୩ ହଜାର୍ ୯ ଶହ ୧୯ କୋଟି ଟଙ୍କାର୍ ବଜେଟ୍ ରଖାଯାଇଛେ । ବିକଶିତ ଓଡ଼ିଶାର୍ ପରିକଳ୍ପନାକେ ସାକାର୍ କର୍‌ବାର୍‌କେ ସମୃଦ୍ଧ କୃଷକ ଯୋଜନା ଅନାଯାଇଛେ । ଇ ଯୋଜ୍‌ନାଥି ଚାଷୀମାନ୍‌କର୍‌ନୁ ଠିକ୍ ଦାମ୍‌ଥି ଧାନ୍ ଘିନାଯିବାର୍ ଲକ୍ଷ୍ୟ ରଖାଯାଇଛେ ।

ଧାନ୍ କୁଇଂଟାଲ୍ ପିଛା ୩୧ ଶହ ଟଙ୍କାଥି ଘିନାଯିବା । ଯେନ୍‌ଟାକି ଏଛେନ୍ ଥିବା ଏମ୍‌ଏସ୍‌ପିର କୁଇଂଟାଲ୍ ପିଛା ୮ ଶହ ଟଙ୍କା ଅଏତ୍‌କା ଆଏ । ଇ ଯୋଜ୍‌ନା ଲାଗି ୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବା । ସେନ୍ତା ଚାଷୀମାନ୍‌କର୍ ଆୟକେ ବଢ଼ାବାର୍ ଲାଗି ସି.ଏମ୍. କିଷାନ୍ ଯୋଜ୍‌ନା ମୁଲ୍ କରାଯିବା । ଇ ଯୋଜ୍‌ନାଥି ୧ ହଜାର୍ ୯ ଶହ ୩୫ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇତାର୍‌ସଙ୍ଗେ ରାଏଜେ ଉପଖଣ୍ଡସ୍ତର ନ ଶୀତଲ୍‌ଭଣ୍ଡାର୍ ଥାପ୍‌ନା ହେବା ଆର୍ ଆଏବା ବଛ୍‌ରେ ବ୍ଲକ୍‌ସ୍ତର୍ ନ ଇଟା କାର୍ଯ୍ୟକାରୀ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପାଏନ୍‌ର ଚାହିଦାକେ ପୁରା କର୍‌ବାର୍‌କେ ବଲାଙ୍ଗିର୍ ଜିଲ୍ଲାର୍ ଉପର୍‌ଲାନ୍ତୁ ମଧ୍ୟମ ଜଲ୍‌ସେଚନ୍ ପ୍ରକଳ୍ପ, ବର୍‌ଗଡ୍ ଜିଲ୍ଲା ନ ୩ ଟା ଆର୍ ନୂଆପଡ଼ା ଜିଲ୍ଲା ନ ୭ ଟା ବୃହତ୍ ଉଠା ଜଲସେଚନ୍ ପ୍ରକଳ୍ପ, କଲାହାଣ୍ଡି ଜିଲ୍ଲା ନ ୩ ଟା ଆର୍ ନୂଆପଡ଼ା ଜିଲ୍ଲା ନ ମଧ୍ୟମ ଜଲସେଚନ ପ୍ରକଳ୍ପ, କଲାହାଣ୍ଡି, ବଲାଙ୍ଗିର୍, ବର୍‌ଗଡ୍ ଆର୍ ନୂଆପଡ଼ା ଜିଲ୍ଲା ନ ୩ ଶହ ୫୯ ଟା ଗୋଷ୍ଠୀ ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଆର୍ ୧୧ ହଜାର୍ ୮ ଶହ ୮୬ ଟା ଗଭୀର

ନଲ୍‌କୂଅାଁ ବାଗିର୍ ନୂଆଁ ଜଲ୍‌ସେଚନ୍ ପ୍ରକଳ୍ପ ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛେ । ହୀରାକୁଦ୍‌ର ମୁଖ୍ୟ ଶାଖାନଦୀମାନ୍‌କର୍‌ନୁ ବାହାରିଥିବା କେତେ ନଲିଆ ଏଛେନ୍ ଖରାପ୍ ଅବସ୍ଥାଥି ଅଛେ । ଇଟାମାନ୍‌କୁ ମରାମତି କରିକରି କାର୍ଯ୍ୟକ୍ଷମ୍ କର୍‌ବାର୍ ସହେତେ ପାଏନ୍ ବାଂଟ୍‌ବାର୍‌ଥି ଦକ୍ଷତା ଆର୍ ସମାନତା ଆନ୍‌ବାର୍ ଲାଗି ଆଉଟ୍‌ଲେଟ୍ ବାହାରିଥିବା ଜଳସ୍ରୋତ ମାନ୍‌କୁ ବଜାୟ ରଖ୍‌ବାର୍‌କେ ବଜେଟ୍‌ଥି ଯୋଜ୍‌ନା କରାଯାଇଛେ ।

ବଜେଟ୍‌ଥି ପ୍ରଶାସନିକ୍ ଖର୍ଚ୍ଚା ଲାଗି ୯୭ ହଜାର୍ ୭ ଶହ ୨୫ କୋଟି ଟଙ୍କା ବରାଦ୍ କରାଯାଇଛେ । ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ଲାଗି ୩ ହଜାର୍ ୯ ଶହ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । ସେନ୍ତା ରାଏଜେ ସୁଭଦ୍ରା ଯୋଜ୍‌ନା ମୁଲ୍ କର୍‌ବାର୍ ଲାଗି ବଜେଟ୍‌ଥି ୧୦ ହଜାର୍ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ୨୦୨୭ ମସିହାତକ୍ ଓଡ଼ିଶା ନ ୨୫ ଲାଖ୍ ଲକ୍ଷପତି ଦିଦି ତିଆର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ୧ ହଜାର୍ ୧ ଶହ ୬୨ କୋଟି ଟଙ୍କାର୍ ବ୍ୟୟବରାଦ୍ ପ୍ରସ୍ତାବ୍ ରହିଛେ । ରାଜ୍ୟର୍ ଆଦିବାସୀ ଗାଁମାନ୍‌କର୍ ବିକାଶ୍ କର୍‌ବାର୍ ଲାଗି ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଆଏବା ୫ ବଛର୍ ଭିତ୍‌ରେ ୫ ଶହ ଟା ଗାଁକେ ଆଦର୍ଶ ଗାଁ କରାଯିବାର୍‌କେ ବଜେଟ୍‌ଥି ବ୍ୟବସ୍ଥା କରାଯାଇଛେ । ସେନ୍ତା ସାମାଜିକ ସୁରକ୍ଷା ଭତା ଦିଗେ ରାଜ୍ୟ ସର୍‌କାର୍ ବଡ଼

ପଦକ୍ଷେପ୍ ନେଇଛନ୍ । ୮୦ ବଛର୍‌ନୁ ଅଏତ୍‌କା ବୟସର୍ ନାଗରିକ୍ ଆଉ ୮୦ ପ୍ରତିଶତ୍ ନୁ କମ୍ ନାଇଁ ହେଇଥିବା ଭିନ୍‌କ୍ଷମ୍ ଲୁକ୍‌କର୍ ଲାଗି ମଧୁବାବୁ ପେନ୍‌ସନ୍ ଯୋଜ୍‌ନା ଆର୍ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ସାମାଜିକ ସୁରକ୍ଷା ଭତାକେ ୩ ହଜାର୍ ୫ ଶହ ଟଙ୍କାକେ ବଢ଼ାଯାଇଛେ । ଇଥିର୍‌ଲାଗି ବଜେଟ୍‌ଥି ୭ ହଜାର୍ ୬ ଶହ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ ।

ଓର୍‌ମାସ୍- ବୁଝାମଣାପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଲାଗି ସର୍‌କାର୍ ଗୁଟେ ଭଲ୍ ପଦକ୍ଷେପ୍ ନେଇଛନ୍ । ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ଅଧୀନ୍‌ଥି ଥିବା ଓର୍‌ମାସ୍ ତର୍‌ଫୁ ଆଏଜ୍ ୧୦ ଟା ସଂସ୍ଥା ସାଙ୍ଗେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଭୁବ୍‌ନେଶ୍ୱର୍ ପାଖର୍ ଏସ୍.ଆଇ.ଆର୍.ଡି ସମ୍ମିଳନୀ କକ୍ଷ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଓର୍‌ମାସ୍ ତର୍‌ଫୁ ଦୀନ୍‌ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ ଯୋଜ୍‌ନା ଅଧୀନ୍‌ଥି ଥିବା ୧୦ ଟା ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସାଙ୍ଗେ ୧୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ କରାଯାଇଛେ । ବୁଝାମଣାପତ୍ର ଆଧାର୍‌ଥି ଇ ସଂସ୍ଥାମାନେ ଆଏବା ୨ ବଛର୍ ଭିତ୍‌ରେ ରାଜ୍ୟର୍ ୧୭ ହଜାର୍ ୨ ଶହ ୭୨ ଝନ୍ ବେରୋଜ୍‌ଗାର୍ ଯୁଆନ୍ ପିଢ଼ିଙ୍କୁ ନିଯୁକ୍ତି ସୁଯୋଗ୍ ଯୁଗେଇ

ଦେବେ । ପହେଲା ଇମାନ୍‌କୁ ଜେନେରାଲ୍ ଡ୍ୟୁଟି ଆସିଷ୍ଟାଂଟ୍, ରିଟେଲ୍ ଆର୍ ସିଲେଇ ମିସିନ୍ ଅପରେସନ୍ ବାଗିର୍ ଟ୍ରେଡ଼୍‌ଥି ମାହାଲିଆ ତାଲିମ୍ ଦିଆଯିବା । ଇତାର୍ ଉତ୍‌ରୁ ଇମାନ୍‌କୁ ଭିନ୍ ଭିନ୍ ସଂସ୍ଥା ନ ନିଯୁକ୍ତି ଦିଆଯିବା ବଲି ସୂଚ୍‌ନା ମିଲିଛେ । ଇଥିର୍‌ଲାଗି ମୋଟ୍ ଶହେ ୨୬ କୋଟି ଟଙ୍କା ଖର୍ଚ୍ଚା ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଯୋଗ୍ ଦେଇଥିଲେ । ଏନ୍ତା କାମ୍‌କେ ମନ୍ତ୍ରୀ ବହୁତ୍‌ଟେ ପ୍ରଶଂସା କର୍‌ବାର୍ ସହେତେ ଦକ୍ଷତା ବିକାଶ୍ ଦିଗେ ଇଟା ଗୁଟେ ବଡ଼ ପଦକ୍ଷେପ୍ ବଲି କହିଛନ୍ ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାର୍ ଆଏଜ୍ ୪ ନମ୍ବର୍ ଦିନେ ଗୃହ କାମ୍ ମୁଲ୍ ହେବାର୍ ଉତ୍‌ରୁ ଶୂନ୍ୟକାଳଥି ବିରୋଧୀ ଦଲର୍ ସଦସ୍ୟମାନ୍‌କର୍ କିର୍ଲାଗଗା ଲାଗି ଗୃହ କାମ୍‌ଥି ବାଧା ହେଇଥିଲା । ପ୍ରଶ୍ନକାଳ ସ୍ୱାଭାବିକ୍ ଭାବେ ଚାଲ୍‌ବାର୍ ଉତ୍‌ରୁ ବିରୋଧୀ ଦଲର୍ ସଦସ୍ୟମାନେ ପୋଲାଭରମ୍ ପ୍ରସଙ୍ଗ୍‌ଥି ଗୃହ କମିଟି ଗଠନ୍ ଦାବି କରିକରି ହୋହଲ୍ଲା କରିଥିଲେ । ବିଜେଡ଼ିର୍ ସଦସ୍ୟମାନେ ଇ ପ୍ରସଙ୍ଗ୍‌ଥି ପଏଂଟ୍ ଅଫ୍ ଅଡର୍ ଦାବି କରିକରି କିର୍ଲାଗଗା କରିଥିଲେ । ବିଜେଡ଼ି ଆର୍ କଂଗ୍ରେସ୍ ଦୁହି ଦଲର୍ ସଦସ୍ୟ ହୋହଲ୍ଲା କର୍‌ବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ଦିନର୍

୧୨ ବାଜିକରି ୧୨ ମିନିଟ୍‌ନୁ ଉପର୍‌ବେଲା ୪ ବଜେତକ୍ ମୁଲ୍‌ତବୀ କରିଥିଲେ । ୪ ବଜେ ଫେର୍ ଗୃହକାମ୍ ମୁଲ୍ ହେଇଥିଲା ଆର୍ ମୁଖ୍ୟମନ୍ତ୍ରୀ ବଜେଟ୍ ଉପସ୍ଥାପନ୍ କରିଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏବା ରଏବାର୍ ଦିନ ସଖାଲର୍ ୯ ବଜେ ଇ ବଛ୍‌ରର ପହେଲା ବଡ଼ି ପାଏନ୍ ଛଡ଼ାଯିବା । ବନ୍ଧର୍ ଭାରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁଶୀଲ୍ ବେହେରା ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ଉପର୍‌ମୁଡ଼େ ବର୍ଷା ଲାଗି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ସମୀକ୍ଷା କରାଯିବାର୍ ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ । ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୨ ଲାଖ୍‌ନୁ ଅଏତ୍‌କା ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୫ ଫୁଟ୍ ରହିଛେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ନୂଆଦିଲ୍ଲୀ ଗସ୍ତଥି ଯିବେ । ନୂଆଦିଲ୍ଲୀ ନ ହେବାର୍‌କେ ଥିବା ନୀତି ଆୟୋଗ୍‌ର ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେବେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏବା ଶନିବାର୍ ଦିନ ନୀତି

ଆୟୋଗ୍ର ବୈଠକ୍ ହେବା । ଇ ବୈଠକ୍ଥି ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦ୍ରମନ୍ତ୍ରୀମାନ୍କୁ ଭିଲ୍ ଭେଟ୍ବେ ବଲି ସୂଚ୍ନା ମିଲିଛେ ।

ଦୁର୍ଘଟଣା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍ପୁର୍ -ସମ୍ବଲ୍ପୁର୍ ରାସ୍ତାର୍ ଉଲୁଣ୍ଡା ପାଖର୍ ମେଟାକାନୀ ମନ୍ଦିର୍ ଛକେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୩ ଝନ୍ ଯୁଆନ୍ ପିଲାଙ୍କର୍ ଜୀବନ୍ ଯାଇଛେ । ମଟର୍ ସାଇକିଲ୍ ରଖିକରି ରାସ୍ତା ତରାଥି ଠିଆ ହେଇଥିବାର୍ ବେଲେ ସେମାନ୍କୁ ଉଲୁଣ୍ଡା ଆଡୁ ସମ୍ବଲ୍ପୁର୍ ଆଡ଼୍କେ ଆସୁଥିବା ଗୁଟେ ପିକ୍ଭେନ୍ ଧକ୍କା ଦେଇଥିଲା । ଘଟ୍ନା ଜାଗା ନ ତିନ୍ ଝନ୍କର୍ ମୃତ୍ୟୁ ହେଇଥିବାର୍ ବେଲେ ଝନେ ଗୁରୁତର୍ଙ୍କୁ ବୁର୍ଲା ଡାକ୍ତର୍ଖାନାକେ ଅନାଯାଇଛେ ।

ସ୍କୁଲ୍ ଭେନ୍-ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବାଇପାସ୍ ସଡ଼କ୍ ନ ଗୁଟେ ସ୍କୁଲ୍ ଭେନ୍ ଦୁର୍ଘଟଣାଗ୍ରସ୍ତ ହେଇଛେ । ଭେନ୍ଟା ଭାରସାମ୍ୟ ହରେଇକରି ରାସ୍ତାତଲ୍କେ ଉଲ୍ଟିପଡ଼ିଥିଲା । ଭେନ୍ଥି ଥିବା

ଛାତ୍ରଛାତ୍ରୀମାନେ ସାମାଏନ୍ ଆହତ୍ ହେଇଥିବାର୍ ବେଲେ କାହାରିର୍ ବିଶେଷ୍ କ୍ଷତି ନାଇଁ ହେଇ । ଘଟ୍‌ନାଜାଗାକେ ସେ ଇଲାକାର୍ ଲୋକ୍‌ମାନେ ପହଁଚିକରି ସାଙ୍ଗେସାଙ୍ଗେ ଦମ୍‌କଲୀବାହିନୀକେ ଡକେଇକରି ସମ୍‌କୁ ଉଦ୍ଧାର୍ କରିଛନ୍ ।

ଜିଲ୍ଲାସ୍ତରୀୟ ସମ୍ମିଳିତ ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ମାତୃ ଆର୍ ଶିଶୁ ମୃତ୍ୟୁ ହାର୍ ବିଷେଥି ଜିଲ୍ଲାସ୍ତରୀୟ ସମ୍ମିଳିତ ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଜିଲ୍ଲା ନ ଶିଶୁ ଆଉ ମାତୃ ମୃତ୍ୟୁ ହାର ବଢ଼୍‌ବାର୍‌କେ ଲାଗିଛେ । ଇଥିର୍‌ଲାଗି ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଜେ. ସୋନାଲ୍ -ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ

ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ -୨୦୨୪ ପାଲନ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ଜିଲ୍ଲା ପ୍ରଶାସନ୍‌ର ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ସ୍ୱାଧୀନତା ଦିବସ୍ ଅବ୍‌ସରେ ଜିଲ୍ଲା ନ ହେବାର୍‌କେ ଥିବା ଭିନ୍ ଭିନ୍ ପ୍ରତିଯୋଗିତା ଆର୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଇ ବୈଠକ୍‌ଥି ଆଲୋଚନା ହେଇଛେ ।

ପାଣିପାଗ/ବର୍ଷା           ଆର୍‌ଏନ୍‌ୟୁ/ ସମ୍ବଲପୁର

ସେଆଡ଼େ ରାଏଜେ ମୌସୁମୀ ସକ୍ରିୟ ରହିଥିବାର୍‌ନୁ ବର୍ଷା ଜାରି ରହିଛେ । ଆଏବା କାଏଲ୍ ସମ୍ବଲପୁର୍, ବର୍‌ଗଡ଼୍ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । ସେନ୍ତା ନୂଆପଡ଼ା, ବଲାଙ୍ଗିର୍, ବୌଦ୍ଧ, ଦେବ୍‌ଗଡ଼୍ ଆର୍ ସୁବର୍ଣ୍ଣପୁର୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲା ନ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।